# NATIONAL NEWS BULLETIN (ODIA)

## 8 March - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ; କହିଲେ ରାଷ୍ଟ୍ରପତି
- ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ସମ୍ମାନ ଏବଂ କଲ୍ୟାଣକୁ ସରକାର ଦେଉଛନ୍ତି ସର୍ବାଧିକ ପ୍ରାଥମିକତା
- ସଂସଦ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାରଠାରୁ
- ୟୁକ୍ରେନ୍‌ର କେତେକ ଅଞ୍ଚଳରେ ରୁଷ୍ ଆକ୍ରମଣରେ ୧୪ ଜଣଙ୍କର ମୃତ୍ୟୁ

ଏବଂ

- ଷଷ୍ଠ ଏସିଆନ୍ ମହିଳା କବାଡ଼ି ଚମ୍ପିଆନସିପ୍ ଟାଇଟଲ ହାସଲ କଲା ଭାରତ

# ପ୍ରେଜ୍ କନଫରେନ୍ସ-ଓ୍ୱିମେନ୍ସ ଡେ'

ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଦିଗରେ ଅଗ୍ରସର ହେଉଥିବାରୁ କର୍ମକ୍ଷେତ୍ରରେ ଅଧିକ ମହିଳାଙ୍କର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି 'ନାରୀ ଶକ୍ତି ଦ୍ୱାରା ବିକଶିତ ଭାରତ' ଦୁଇଦିନିଆ ସମ୍ମିଳନୀକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜର ପ୍ରଗତି ଏବଂ ସାମର୍ଥ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବା ଲାଗି ଦେଶରେ ଏକ ସହାୟକ ବାତାବରଣ ସୃଷ୍ଟି କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ ମହିଳାଙ୍କ ସଶକ୍ତୀକରଣ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। 'ନାରୀଶକ୍ତି ବନ୍ଦନ' ଅଭିଯାନ ମାଧ୍ୟମରେ ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରାଜନୈତିକ ସଶକ୍ତୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି। ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଲକ୍ଷପତି ଦିଦି, ନମୋ ଡ୍ରୋନ୍ ଦିଦି ଭଳି ଯୋଜନା ବିଭିନ୍ନ ସ୍ତରରେ ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି ଏବଂ ନୂତନ ଶିଖର ଛୁଇଁବାରେ ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

**V/O- 1945--PREZ--ON-ECONOMY**

ସମାଜରେ ମହିଳାଙ୍କର ଅବଦାନକୁ ସମ୍ମାନ ଦେବା ଏବଂ ଲିଙ୍ଗଗତ ସମାନତାକୁ ଅଧିକ ପ୍ରୋତ୍ସାହନ ପ୍ରଦାନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ରାଷ୍ଟ୍ରପତି ଏ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଆଲୋଚନା ବୈଠକ ଏବଂ ବୈଷୟିକ ଅଧିବେଶନ ଆଦି ଅନୁଷ୍ଠିତ ହେଉଛି।

# ପିଏମ୍- ନଭସାରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କର ସମ୍ମାନ ଏବଂ କଲ୍ୟାଣକୁ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଗୁଜୁରାଟର ନବସାରିଠାରେ ଆଜି ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଭାରତ ମହିଳା ନେତୃତ୍ୱାଧୀନ ବିକାଶ ଦିଗରେ ଅଗ୍ରସର ହେଉଛି। ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ସେ ଆଲୋକପାତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ମହିଳାଙ୍କ ଶକ୍ତିକୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିଛି । ଦେଶର ବିକାଶରେ ସ୍ୱୟଂସହାୟକ ଗୋଷ୍ଠୀର ଭୂମିକାକୁ ସେ ପ୍ରଶଂସା କରିବା ସହିତ ଆଗାମୀ ୫ ବର୍ଷ ମଧ୍ୟରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ।

**V/O- PARI--PM-WOMEN-LED-DEVTK**

ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଗୁଜୁରାଟର ସମବାୟ କ୍ଷେତ୍ର ବିଶେଷ କରି ଶ୍ୱେତ ବିପ୍ଳବ ଏବଂ ମହିଳାଙ୍କ ନେତୃତ୍ୱାଧୀନ ଜଳ ସମିତିର ସେ ଉଚ୍ଚପ୍ରଶଂସା କରିଥିଲେ । ଗୁଜୁରାଟର ଅର୍ଥନୈତିକ ଓ ସାମାଜିକ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଶ୍ରୀ ମୋଦୀ ୨୫ ହଜାରରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ଅଢ଼େଇଲକ୍ଷରୁ ଅଧିକ ମହିଳାଙ୍କୁ ୪୫୦ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ୫ ଜଣ ଲକ୍ଷପତି ଦିଦିଙ୍କୁ ଶ୍ରୀ ମୋଦୀ ଲକ୍ଷପତି ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଗୁଜରାଟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଜି-ସଫଲ ଏବଂ ଜି-ମୈତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନବସାରୀ ଜିଲ୍ଲାରେ ଲକ୍ଷପତି ଦିଦି ଯୋଜନାର  ୧୦ ଜଣ ହିତାଧିକାରୀଙ୍କ ସହ ମତବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ସାଂସଦ ସି.ଆର୍. ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଆକାଶବାଣୀ-ୱିମେନ୍ସ ଡେ

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି ।  ଆକାଶବାଣୀର ସମ୍ବାଦ ସେବା ବିଭାଗ ତରଫରୁ ଦିନରେ ପ୍ରସାରିତ ହେଉଥିବା ଇଂରାଜୀ ଏବଂ ହିନ୍ଦୀ ସମ୍ବାଦ ପ୍ରସ୍ତୁତି ମହିଳାମାନଙ୍କ ଦ୍ୱପାରା ଉପସ୍ଥାପନ କରାଯାଇଛି। ଆକାଶବାଣୀ ସମ୍ବାଦ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆଜି ରାତି ୯ଟା ୧୫ ମିନିଟ୍‌ରୁ ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ। ଏପ୍ରିଲ ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୦ଟି ବୈଠକ ବସିବ। ଅଧିବେଶନରେ ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଏବଂ

ଆନୁସଙ୍ଗିକ ବିନିଯୋଗ ବିଲ୍ ଉପରେ ଆଲୋଚନା ଓ ମତଦାନ ହେବ। ବ୍ୟାଙ୍କିଂ ଆଇନ (ସଂଶୋଧନ) ବିଲ୍, କୋଷ୍ଟାଲ ସିପିଂ ବିଲ୍, ୨୦୨୪ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍, ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ବିଲ୍ ୨୦୨୫ ଏବଂ ରେଳବାଇ (ସଂଶୋଧନ) ବିଲ୍ ସମେତ ଅନେକ ବିଲ୍ ଉପରେ ମଧ୍ୟ ଆଲୋଚନା ହେବାର ଆଶା କରାଯାଉଛି।

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିଥିଲେ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧିବେଶନର ପ୍ରଥମ ଭାଗରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ।

## ୟୁକ୍ରେନ୍ ଆଟାକ

ୟୁକ୍ରେନର ଡୋନେସ୍କ ଓ ଖାରକିଭ୍ ସମେତ ବିଭିନ୍ନ ଅଞ୍ଚଳରେ ଗତକାଲି ରାତିରେ ରୁଷର ଆକ୍ରମଣରେ ଅତି କମ୍‌ରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରୁଷୀୟ ସେନା ପକ୍ଷରୁ ଡୋବ୍ରୋପିଲିଆ ଉପରେ ବ୍ୟାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଏକାଧିକ ରକେଟ୍ ଏବଂ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା। ଏହା ଫଳରେ ୮ଟି ବହୁତଳ ବିଶିଷ୍ଟ କୋଠା ଏବଂ ୩୦ଟି ଯାନ କ୍ଷତିଗ୍ରସ୍ତ ହୋଇଥିଲା। ରୁଷିଆର ଏହି

ବଡ଼ ଧରଣର ଆକ୍ରମଣ ପରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଆକାଶ ଓ ସମୁଦ୍ରରେ ଯୁଦ୍ଧ ବିରତି ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପକ୍ଷରେ ରୁଷିଆର ଲେନିନଗ୍ରାଡ୍ ଅଞ୍ଚଳର ଗଭର୍ଣ୍ଣର ଆଲେକ୍‌ଜାଣ୍ଡର ଡ୍ରୋଜଡେନେକୋ କହିଛନ୍ତି, ୟୁକ୍ରେନର ଏକ ଡ୍ରୋନକୁ ଖସାଇ ଦେବା ପରେ ତାହା ରୁଷିଆର ଅନ୍ୟତମ ବୃହତ୍ତମ କିରିଶି ବିଶୋଧନାଗାର ଉପରେ ପଡ଼ିଥିଲା। ଏହାଦ୍ୱାରା ବିଶୋଧନାଗାରର ଟାଙ୍କି କ୍ଷତିଗ୍ରସ୍ତ ହୋଇଛି।

# ଇକ୍ୟୁଡେର ଡେଥ୍

ଇକ୍ୱେଡର ବନ୍ଦର ସହର ଗୁଆୟାକ୍ୱିଲ୍‌ରେ ଗତକାଲି ଡ୍ରଗ୍ସ ଚୋରା ଚାଲାଣକାରୀ ଗ୍ୟାଙ୍ଗର ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ବିନିମୟରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ହିଂସାକାଣ୍ଡରେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଲସ୍ ଟିଗୁରେନ୍ସ ଗ୍ୟାଙ୍ଗର ବିରୋଧୀ ଗୋଷ୍ଠୀ ବିବାଦରେ ଫସିଯିବା ପରେ ଗୁଳିବିନିମୟ ଆରମ୍ଭ ହୋଇଥିଲା ବୋଲି ପୁଲିସ କହିଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସହରର ସୋସିଓ ଭିଭିଏଣ୍ଡା ଜିଲ୍ଲାର କେତେଗୁଡ଼ିଏ ଘର ଉପରେ ସଶସ୍ତ୍ର ଗ୍ୟାଙ୍ଗ ପକ୍ଷରୁ ଆକ୍ରମଣ କରାଯିବା ଫଳରେ ଏହି ଘଟଣା ଘଟିଥିଲା। ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ହିଂସାକାଣ୍ଡ ଘଟଣାରେ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି।

## କବାଡ଼ି

ଭାରତୀୟ ମହିଳା କବାଡ଼ି ଦଳ ଷଷ୍ଠ ଏସିଆନ୍ ଚାମ୍ପିଅନସିପ୍ ପ୍ରତିଯୋଗିତା ବିଜୟୀ ହୋଇଛି । ଭାରତୀୟ ଦଳ ପଞ୍ଚମଥର ପାଇଁ ଏହି ଟାଇଟଲ ହାସଲ କରିଛି । ତେହେରାନ୍‌ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ’ ଇରାନ୍‌କୁ ୩୨-୨୫ ପଏଣ୍ଟରେ ପରାସ୍ତ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କବାଡ଼ି ଦଳ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଟାଇଟଲ ହାସଲ କରିଛନ୍ତି । ସେମିଫାଇନାଲ ପର୍ଯ୍ୟାୟରେ ଭାରତ’ ନେପାଳକୁ ୫୬-୧୮ ପଏଣ୍ଟରେ ପରାସ୍ତ କରିଥିବାବେଳେ ଇରାନ୍ ବାଂଲାଦେଶକୁ ୪୧-୧୮ ପଏଣ୍ଟରେ ପରାସ୍ତ କରିଥିଲା ।

## ୱିମେନ୍ସ ପ୍ରିମିୟର

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ୟୁପି ୱାରିଅର୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଉଛି । ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗୁଜରାଟ ଜାଏଣ୍ଟ୍‌ସ ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍‌ସ

୮ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପ୍ଲେ ଅଫ୍  ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି ।

## ଆଇସିସି ଚାମ୍ପିଅନ୍ସ ଟ୍ରଫି

ଆଇସିସି ପୁରୁଷ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଭାରତ’ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଦୁବାଇର ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡର ଅଭିଜ୍ଞ ବୋଲିଂ ବିପକ୍ଷରେ ଭାରତର ଶକ୍ତିଶାଳୀ ବ୍ୟାଟିଂ ମୁହାଁମୁହିଁ ହେବେ। ଦୁଇଦଳ ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ନିକଟରେ ହୋଇଥିବା ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ହାସଲ କରି ନିଜର ମନୋବଳ ଦୃଢ଼ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି। ସେମିଫାଇନାଲ ପର୍ଯ୍ୟାୟରେ ଭାରତ’ ଅଷ୍ଟ୍ରେଲିଆକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଥିବାରୁ ଆତ୍ମବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇବ। ସୂଚନାଯୋଗ୍ୟ, ୨୦୨୩ରେ ମୁମ୍ବାଇରେ ଅନୁଷ୍ଠିତ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ସେମିଫାଇନାଲରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୭୦ ରନ୍‌ରେ ବିଜୟୀ ହୋଇଥିଲା।